**୪ ସଂକ୍ରମିତ ଚିହ୍ନଟ**

**ଢେଙ୍କାନାଳ ଅଫିସ, ୨୪।୧୦:** ଢେଙ୍କାନାଳ ଜିଲ୍ଲାରୁ ରବିବାର ୪ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକରୁ ୨, ହିନ୍ଦୋଳରୁ ୧, ଭୁବନରୁ ଜଣେ ଅଛନ୍ତି। ଦିନକରେ ୧,୭୭୧ ଟେଷ୍ଟିଂ ହୋଇଥିଲା। ଜିଲାରେ ଏବେ ୨୯ଜଣ ସକ୍ରିୟ ଆକ୍ରାନ୍ତ ଥିବାବେଳେ ମୃତ୍ୟୁସଂଖ୍ୟା ୨୪୩ରେ ସ୍ଥିର ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### କେନାଲରେ ବୁଡ଼ି ଦୋକାନୀ ମୃତ

**ପରଜଙ୍ଗ, ୨୪।୧୦(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମେଣ୍ଢାପଦା ଦେଇ ଯାଇଥିବା ରେଙ୍ଗାଳି ଶାଖା କେନାଲରେ ବୁଡ଼ିଯାଇ ଜଣେ ଜଳଖିଆ ଦୋକାନୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମେଣ୍ଢାପଦା ଗ୍ରାମର ଡିଲେଶ୍ୱର ବିଶ୍ୱାଳ। କେନାଲ ନିକଟରେ ଡିଲେଶ୍ୱରଙ୍କ ଏକ ଜଳଖିଆ ଦୋକାନ ରହିଛି। ଶନିବାର ରାତିରେ ଦୋକାନ ବନ୍ଦ କରି ଶୌଚ ହେବାକୁ କେନାଲକୁ ଯାଇଥିବା ବେଳେ ସେ ବୁଡ଼ିଯାଇଥିଲେ। ରବିବାର ସକାଳେ ତାଙ୍କ ମୃତଦେହ କେନାଲ ତଳପାର୍ଶ୍ୱ ଗେଟ୍‌ରେ ଲାଗିଥିବା ସ୍ଥାନୀୟ ବାସିନ୍ଦା ଦେଖି ଅଗ୍ନିଶମ ବାହିନୀ ଏବଂ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି।

### ଆଇନସେବା ପ୍ରାଧିକରଣ ପକ୍ଷରୁ ଜାତିସଂଘ ଦିବସ

**ଢେଙ୍କାନାଳ ଅଫିସ, ୨୪।୧୦:** ଢେଙ୍କାନାଳ ଜିଲାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧକ୍ଷ ଶରତ କୁମାର ଦେହୁରୀଙ୍କ ନିର୍ଦ୍ଦେଶରେ ରବିବାର ଭର୍ଚୁଆଲ ମାଧମରେ ଜାତିସଂଘ ଦିବସ ପାଳିତ ହୋଇଯାଇଛି। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ଜାତିସଂଘ ଏବଂ ଆଇନସେବା ପ୍ରାଧିକରଣର ଗଠନ, କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରିୟ'ର ନିର୍ଦ୍ଦେଶକ ଟଙ୍କଧର ବାରିକଙ୍କ ସମେତ ପ୍ରାଧିକରଣ ପ୍ୟାନେଲ ଲୟର, ପାରାଲିଗାଲ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ।

### ଗାଁ ନିକଟରେ ୨ ହାତୀ

**ପବିତ୍ରନଗର, ୨୪।୧୦(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ପଞ୍ଚାୟତ ବିକିଶର ଗ୍ରାମ ନିକଟରେ ରବିବାର ୨ ହାତୀ ଥିବାରୁ ଲୋକଙ୍କ ମଧ୍ୟରେ ଛନକା ପଶିଛି। ବନ ବିଭାଗ ପକ୍ଷରୁ ହାତୀଙ୍କ ସୁରକ୍ଷା ପାଇଁ ବିଦ୍ୟୁତ୍ କାଟି ଦିଆଯାଇଛି। ଶୁକ୍ରବାର ନିକଟସ୍ଥ ଏକଘରିଆ ଗ୍ରାମରେ ଏକ ଦନ୍ତାହାତୀ ଜଣକ ଜୀବନ ନେଇଥିଲା ବେଳେ ଶନିବାର ଉକ୍ତ ହାତୀର ମୃତ୍ୟୁ ହୋଇଥିଲା। ଏ ନେଇ ତାଳଚେର ରେଞ୍ଜ ଦାୟିତ୍ୱରେ ଥିବା କଣିହାଁ ରେଞ୍ଜର ନୀଳମଣି ଦେହୁରୀ କହିଛନ୍ତି, ୨ଟି ହାତୀ ବିକିଶର ନିକଟସ୍ଥ ଜଙ୍ଗଲରେ ଅଛନ୍ତି। ବିଭାଗ ତରଫରୁ ନଜର ରଖାଯାଇଛି।

# ସାଆନ୍ଦାରେ ୧୦୦ ହାତୀ

- ଜମିରେ ଚାଷୀଙ୍କୁ କଚାଡ଼ିଦେଲା ଦନ୍ତା
- ଗଛରେ ଚଢ଼ି ଜୀବନ ବଞ୍ଚାଇଲେ ଜଣେ
- ଉଜାଡୁଛନ୍ତି ଧାନ ଚାଷ, ବଢୁଛି ଅସନ୍ତୋଷ

**ପରଜଙ୍ଗ, ୨୪।୧୦(ଡି.ଏନ୍.ଏ.)**


ପରଜଙ୍ଗ ଅଞ୍ଚଳରେ ହାତୀପଲ।

ପଲପଲ ହୋଇ ବୁଲୁଛନ୍ତି ୧୦୦ରୁ ଊର୍ଦ୍ଧ୍ୱ ହାତୀ। କେତେବେଳେ ଘର ଭାଙ୍ଗୁଛନ୍ତି ତ ଆଉ କେତେବେଳେ ଧାନ ଜମିରେ ପଶି ଦଳିଚକଟି ନଷ୍ଟ କରିଦେଉଛନ୍ତି ସୁନାର ଫସଲ। ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସାଆନ୍ଦା ଏବଂ ପାଳସାହିରେ ପ୍ରାୟ ସପ୍ତାହେ ହେଲା ଏପରି ଉପଦ୍ରବ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଛି। ଶନିବାର ରାତିରେ ଜମିକୁ ଫସଲ ଜଗିବାକୁ ଯାଇଥିବାବେଳେ ହାତୀ ଆକ୍ରମଣରେ ଜଣେ ଚାଷୀ ଗୁରୁତର ହୋଇଛନ୍ତି। ଅନ୍ୟ ଜଣେ ଚାଷୀ ଗଛ ଉପରେ ଚଢ଼ିଯାଇ ଜୀବନ ବଞ୍ଚାଇଛନ୍ତି। ହାତୀ-ମଣିଷ ସଂଘର୍ଷର ଏଭଳି ଘଟଣା ପ୍ରତିଦିନ ବଢ଼ିବାରେ ଲାଗିଛି। ଏତେ ସଂଖ୍ୟକ ହାତୀଙ୍କୁ ଘଉଡ଼ାଇବାରେ ବନ ବିଭାଗ ବିଫଳ ହୋଇଥିବାବେଳେ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

କଙ୍କଡ଼ାସୋଡ଼ାର ମୁଣ୍ଡପୋତା ସାହୁ (୫୩) ଶନିବାର ବିଳମ୍ବିତ ରାତିରେ ଫସଲ ଜଗିବାକୁ ଗାଁ ନିକଟ ଜମିକୁ ଯାଇଥିବାବେଳେ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଟେକି ନେଇ କଚାଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ସେ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସହିତ ଥିବା ଅନ୍ୟ ଜଣେ ବ୍ୟକ୍ତି ଗଛ ଉପରେ ଚଢ଼ିଯାଇ ଜୀବନ ବଞ୍ଚାଇଛନ୍ତି।

ଗ୍ରାମବାସୀଙ୍କ କହିବା କଥା, ଅଞ୍ଚଳକୁ ଥରକରେ ଏତେ ସଂଖ୍ୟାରେ ହାତୀ ପଶି ଆସିବା ଫଳରେ ସମସ୍ୟା ବଢ଼ିଯାଇଛି। ହାତୀମାନେ ବିଭିନ୍ନ ଦଳରେ ବିଭକ୍ତ ହୋଇ ଚାଷ ଜମିରେ ପଶୁଛନ୍ତି। ରାତାରାତି ବର୍ଷକର ଫସଲ ଉଜାଡ଼ି ଦେଉଛନ୍ତି। ବନ କର୍ମଚାରୀ ଘଉଡ଼ାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ସଫଳ ହୋଇପାରୁନାହାନ୍ତି। ଧାନ ପୁଡ଼ା ବାନ୍ଧିବା ସମୟରେ ଏଭଳି ହାତୀ ଆତଙ୍କ ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ଅନ୍ୟପଟେ ହାତୀଙ୍କୁ ଦେଖିବାକୁ ଭିଡ଼ ଲାଗୁଛି। ତେଣୁ ହାତୀପଲ ଜଙ୍ଗଲକୁ ଯାଇପାରୁନାହାନ୍ତି। ଗହଳି ଯୋଗୁ ସେମାନେ ହିଂସ୍ର ଆଚରଣ ପ୍ରଦର୍ଶନ କରିବା ସହ ଅଧିକ କ୍ଷୟକ୍ଷତି କରୁଛନ୍ତି। ଜିଲା ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

ଏ ସଂକ୍ରାନ୍ତରେ ଡିହଡୋଳ ଫରେଷ୍ଟର ଅଜିତ୍ କୁମାର ଦଳେଇ କୁହନ୍ତି, ବାରବାଙ୍କ ଏବଂ ପାଳସାହି ଅଞ୍ଚଳରେ ହାତୀ ରହିଛନ୍ତି। ସୋଲାର ବାଡ଼ ସଂସ୍ପର୍ଶରେ ଆସିବା ଫଳରେ ହାତୀମାନେ କରେଣ୍ଟ ଧକ୍କା ଖାଇ ଅଧିକ ଉତ୍ୟକ୍ତ ହୋଇପଡୁଛନ୍ତି। ସେମାନଙ୍କୁ ଘଉଡ଼ାଇବାକୁ ବନ କର୍ମଚାରୀ ଉଦ୍ୟମ କରୁଛନ୍ତି। ଲୋକମାନଙ୍କ ଯେପରି କୌଣସି କ୍ଷତି ନ ହୁଏ, ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଐରାବତ ଗାଡ଼ି ସହାୟତାରେ ହାତୀ ଘଉଡ଼ାଇବାକୁ ଉଦ୍ୟମ କରାଯାଉଥିବା ସେ ସୂଚନା ଦେଇଛନ୍ତି।

## ଏମ୍‌ସିଏଲ୍ ସିଏମ୍‌ଡିଙ୍କୁ ଶ୍ରେଷ୍ଠ ସିଇଓ ଆୱାର୍ଡ

**ତାଳଚେର,୨୪।୧୦(ନି.ପ୍ର.)**


ପି.କେ. ସିହ୍ନା।

ଜିଇଓ ମାଇନ୍ ଟେକ୍ ଭୁବନେଶ୍ୱର ପକ୍ଷରୁ ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍)ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପି.କେ. ସିହ୍ନାଙ୍କୁ ଶ୍ରେଷ୍ଠ ସିଇଓ କର୍ପୋରେଟ୍ ମ୍ୟାନେଜମେଣ୍ଟ ଇନୋଭେଶନ ଆୱାର୍ଡ ୨୦୨୦-୨୧ ପ୍ରଦାନ କରାଯାଇଛି। ସିହ୍ନା ନର୍ଦ୍ଦନ କୋଲ୍ ଫିଲ୍ଡସ ଲିମିଟେଡ୍ (ଏନ୍‌ସିଏଲ୍)ର ସିଏମ୍‌ଡି ଭାବେ କାର୍ଯ୍ୟରତ ଥିବାବେଳେ ଏମ୍‌ସିଏଲ୍‌ର ଅତିରିକ୍ତ ଦାୟିତ୍ୱ ମଧ୍ୟ ସମ୍ଭାଳୁଛନ୍ତି। ତାଙ୍କ ନେତୃତ୍ୱରେ ଉଭୟ ସହାୟକ କମ୍ପାନୀ ଏମ୍‌ସିଏଲ୍ ଓ ଏନ୍‌ସିଏଲ୍ ଚଳିତ ଆର୍ଥିକ ବର୍ଷରେ ଏକ ସକାରାତ୍ମକ ଅଭିବୃଦ୍ଧି ପଞ୍ଜୀକୃତ କରିଛି। ଏମ୍‌ସିଏଲ୍ କ୍ରମାଗତ ଭାବେ ଏହାର କୋଇଲା ପ୍ରେରଣ କ୍ଷମତାକୁ ବୃଦ୍ଧି କରିଚାଲିଛି। ଚଳିତ ମାସରେ ଦୈନିକ ହାରାହାରି ୫.୨୧ ଲକ୍ଷ ଟନ୍‌ରୁ ଅଧିକ କୋଇଲା ପ୍ରେରଣ କରିବାରେ ସଫଳ ହୋଇଛି। ଗତ ଶୁକ୍ରବାର ଏମ୍‌ସିଏଲ୍ ୫.୫୬ ଲକ୍ଷ ଟନ୍ କୋଇଲା ଯୋଗାଇ ଏକ ନୂତନ କୀର୍ତ୍ତିମାନ ହାସଲ କରିଛି। ଜିଇଓ ମାଇନ୍ ଟେକ୍ ଦ୍ୱାରା ଭୁବନେଶ୍ୱରରେ ଆୟୋଜିତ ପୁରସ୍କାର ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଆଇଆଇଟି (ଆଇଏସ୍‌ଏମ୍) ଧାନବାଦର ପ୍ରାକ୍ତନ ଚେୟାରମ୍ୟାନ ପ୍ରଫେସର ଡି.ଡି. ମିଶ୍ର ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ।

## ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ


ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

**ଢେଙ୍କାନାଳ ଅଫିସ, ୨୪।୧୦**

ଢେଙ୍କାନାଳ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମରେ ୩ଦିନ ଧରି ଚାଲିଥିବା ୫ମ ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୩୫ବର୍ଷରୁ ଊର୍ଦ୍ଧ୍ୱ ଭେଟରାନ୍ ପୁରୁଷ ବିଭାଗ ଡବଲ୍ସରେ ଧର୍ମେନ୍ଦ୍ର ମହାପାତ୍ର, କରୁଣାକର ବେହେରା ଚାମ୍ପିୟନ ଏବଂ ରଶ୍ମି ପଟ୍ଟନାୟକ, ଦୀପକ ଦଳେଇ ରନର୍ସଅପ୍ ହୋଇଛନ୍ତି। ସିନିୟର ପୁରୁଷ ଡବଲ୍ସରେ ତାରିଣୀ ପ୍ରସାଦ ମାଝି, ଦେବାଶିଷ ମହାରଣା ଚାମ୍ପିୟନ ଏବଂ ଦେବଦତ୍ତ ବିଶ୍ୱାଳ, ଶୁଭ୍ରକେତନ ମଲ୍ଲିକ ରନର୍ସଅପ୍ ହୋଇଛନ୍ତି। ବରିଷ୍ଠ ପୁରୁଷ ସିଙ୍ଗଲ୍ସରେ ତାରିଣୀ ପ୍ରସାଦ ମାଝି ଚାମ୍ପିୟନ ଏବଂ ଦେବଦତ୍ତ ବିଶ୍ୱାଳ ରନର୍ସଅପ୍, ୧୯ ବର୍ଷରୁ କମ୍ ସିଙ୍ଗଲ୍ସରେ ସାଇପ୍ରଭାତ୍ ରଶ୍ମି ଚାମ୍ପିୟନ ଏବଂ ସ୍ନେହାଶ୍ରୀ ଦାସ ରନର୍ସଅପ୍, ୧୯ ବର୍ଷରୁ କମ୍ ବାଳକ ବର୍ଗ ଡବଲ୍ସରେ ଅମର୍ତ୍ତ୍ୟ ସାହୁ, ସ୍ୱୟଂଜିତ୍ ଦାସ ଚମ୍ପିୟନ ହୋଇଥିବାବେଳେ ଦେବଦତ୍ତ ବିଶ୍ୱାଳ ଓ ଶୁଭ୍ରକେତନ ମଲ୍ଲିକ ରନର୍ସଅପ୍ ହୋଇଛନ୍ତି। ଏହି ବିଭାଗର ସିଙ୍ଗଲ୍ସରେ ଦେବଦତ୍ତ ବିଶ୍ୱାଳ ଚାମ୍ପିୟନ ହୋଇଥିବାବେଳେ ଶୁଭ୍ରକେତନ ମଲ୍ଲିକ ରନର୍ସଅପ୍ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆସୋସିଏଶନର ସଭାପତି ମଳୟ ପଟ୍ଟନାୟକ, ସମ୍ପାଦକ ଟଙ୍କଧର ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଗୋଲକ ଧଳଙ୍କ ଜନ୍ମ ଶତବାର୍ଷିକୀ ପ୍ରସ୍ତୁତି

**ଢେଙ୍କାନାଳ ଅଫିସ, ୨୪।୧୦**

ବିଶିଷ୍ଟ ଭାଷାତତ୍ତ୍ୱବିତ୍ ପ୍ରାଧ୍ୟାପକ ଗୋଲକ ବିହାରୀ ଧଳଙ୍କ ଜନ୍ମଶତବାର୍ଷିକୀ ସମାରୋହ ଡିସେମ୍ବର ୧୪ରୁ ୧୬ ଯାଏ ପାଳିତ ହେବ। ୧୪ ତାରିଖରେ ସଦର ବ୍ଲକ ଭାପୁରସ୍ଥିତ ଭୋଳେଶ୍ୱର ଧଳ ହାଇସ୍କୁଲ ପରିସରରେ ସମାରୋହର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ପରବର୍ତ୍ତୀ ଦୁଇଦିନର କାର୍ଯ୍ୟକ୍ରମ ତଥା ଉଦ୍‌ଯାପନୀ ସମାରୋହ ଢେଙ୍କାନାଳ ଗୋପବନ୍ଧୁ ଟାଉନ୍‌ହଲରେ କରାଯିବ ବୋଲି ଗୋଲକ ବିହାରୀ ଧଳ ଜନ୍ମ ଶତବାର୍ଷିକ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ପରିଷଦର ଏକ ପ୍ରତିନିଧି ଦଳ ଭୁବନେଶ୍ୱରଠାରେ ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କୁ ଭେଟି ଭୋଳେଶ୍ୱର ଧଳ ହାଇସ୍କୁଲ ପରିସରରେ ଗୋଲକ ବିହାରୀଙ୍କ ଏକ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି ପ୍ରତିଷ୍ଠା ନେଇ ସ୍ମାରକପତ୍ର ଦେଇଛନ୍ତି। ପ୍ରତିନିଧି ଦଳର ପରିଷଦ ସଭାପତି ବିଶ୍ୱନାଥ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଅପର୍ତ୍ତି ନାୟକ, ଉପସଭାପତି ବୈକୁଣ୍ଠନାଥ ବାରିକ, ମୁକୁନ୍ଦ ପ୍ରସାଦ ଧଳ, ତୃଷ୍ଟି ପ୍ରଭାତୀ ମହାପାତ୍ର, ସମ୍ପାଦକ ମନୋଜ ସାହୁ, ଜିଲା ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ଏବଂ ଆବାହକ କୃଷ୍ଣଚନ୍ଦ୍ର ଦ୍ୱିବେଦୀ ଉପସ୍ଥିତ ଥିଲେ।

## ବଡ଼ଚଣାକୁ ହରାଇ ଚୌଦ୍ୱାର ଚାମ୍ପିୟନ


ଫାଇନାଲ ମ୍ୟାଚ୍‌ରେ ମଞ୍ଚାସୀନ ଅତିଥିମାନେ।

**ଗଁଦିଆ, ୨୪।୧୦**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆରେ ଚାଲିଥିବା ଇନ୍ଦ୍ରମଣି ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବିସିସି ବଡ଼ଚଣାକୁ ହରାଇ ଚୌଦ୍ୱାର ରାଇଜିଂ ଷ୍ଟାର ଚାମ୍ପିୟନ ହୋଇଛି। ବଡ଼ଚଣା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ସଂଗ୍ରହ କରିଥିଲା ୨୬୬ ରନ୍। ଜବାବରେ ଚୌଦ୍ୱାର ୫ ଉଇକେଟ ବିନିମୟରେ ୨୭୨ ରନ୍ କରି ଚାମ୍ପିୟନ ହୋଇଥିଲା। ବିଜୟୀ ଦଳର ସଂଗ୍ରାମ ମାଝି ମାତ୍ର ୪୩ ବଲ୍‌ରୁ ୧୮ ଛକା ଏବଂ ୭ ଚୌକା ସହ ଅପରାଜିତ ୧୪୨ ରନ୍ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଏବଂ 'ମ୍ୟାନ୍ ଅଫ୍ ଦି ସିରିଜ୍' ପ୍ରଦାନ କରାଯାଇଥିଲା। ଦୀପାଂଶୁ ତ୍ରିପାଠୀ, ସୁନୀଲ ମଲ୍ଲିକ ଖେଳ ପରିଚାଳନା କରିଥିବାବେଳେ ଈଶ୍ୱର ଚନ୍ଦ୍ର ସାହୁ ଏବଂ ନାରାୟଣ ସାହୁ ସ୍କୋରର ରହିଥିଲେ। ଅନ୍ତର୍ଯ୍ୟାମୀ ବାରିକ, ତରଣୀସେନ ମଲ୍ଲିକ, ଗୌରାଙ୍ଗ ବେହେରା ଧାରାବିବରଣୀ ଦେଇଥିଲେ।

ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟା ରଶ୍ମିଶ୍ରୀ ମହାଳିକ, ମୁଖ୍ୟବକ୍ତା ଶିକ୍ଷାବିତ୍ କୈଳାସ ଚନ୍ଦ୍ର ସାହୁ, ଅତିଥି ଭାବେ କୈଳାସ ଚନ୍ଦ୍ର ନାୟକ, ପ୍ରକାଶ ପଣ୍ଡା, ସୁଧୀର ସାହୁ, ରୋହିତ ରାଉତ, ଜ୍ଞାନରଞ୍ଜନ ସିଂ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ପିଙ୍ଗୁଆ ସ୍ପୋର୍ଟସ୍ ଆସୋସିଏଶନର କେଶବ ବାରିକ, ଅମ୍ବୁଜ ରାଉତ, ଶେଷଦେବ ପଣ୍ଡା, ବିପ୍ରଚରଣ ସେଠୀ, ଶେଷଦେବ ପାଗଡ଼, ନିତ୍ୟାନନ୍ଦ ପାଗଡ଼, କେଶବ ଦାସ, ଗୁକୁନା ଓଝା, ଆନନ୍ଦ ସାହୁ, ପୀତବାସ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ନିରାଡ଼ମ୍ବରରେ ୨୭ ମେଢ଼ ବିସର୍ଜନ


ଶାନ୍ତି ବଜାର ପୂଜା କମିଟି ପକ୍ଷରୁ ଭସାଣି କାର୍ଯ୍ୟକ୍ରମ।

**ଅନୁଗୋଳ ଅଫିସ, ୨୪।୧୦**

ଅନୁଗୋଳ ସହରରେ ମା' ଲକ୍ଷ୍ମୀଙ୍କ ଭସାଣି ପର୍ବ ରବିବାର ନିରାଡ଼ମ୍ବରରେ ଅନୁଷ୍ଠିତ ହୋଇଛି। ସହରରେ ହୋଇଥିବା ୩୧ ମେଢ଼ ମଧ୍ୟରୁ ବିସର୍ଜନ ପର୍ବରେ ୨୭ଟି ସାମିଲ ହୋଇଥିବା ସୂଚନା ପ୍ରଦାନ କରାଯାଇଛି। ଗତବର୍ଷ ପରି ଚଳିତବର୍ଷ ମଧ୍ୟ ପ୍ରଶାସନ ପକ୍ଷରୁ କରୋନା କଟକଣାକୁ କଡ଼ାକଡ଼ି କରାଯାଇଥିଲା। ଫଳରେ ୩୧ଟି ମଣ୍ଡପରେ ନିରାଡ଼ମ୍ବର ଭାବେ ତଥା ବିଧି ରକ୍ଷା ପାଇଁ ପୂଜା କରାଯାଇଥିଲା। ଧୁମ୍‌ଧାମରେ ଆୟୋଜନ ହୋଇ ନ ଥିବାରୁ ପୂଜା କି ଭସାଣିରେ ଗହଳି ଚହଳି ନ ଥିଲା। ବିଭିନ୍ନ ମଣ୍ଡପ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ମଣ୍ଡପରେ ମା'ଙ୍କୁ ବିସର୍ଜନ କରାଯାଇଥିଲା। କେତେକ ମଣ୍ଡପ କର୍ମକର୍ତ୍ତା ନିଜ ଅଞ୍ଚଳରେ ଥିବା ନାଳ ଓ ପୋଖରୀରେ ବିସର୍ଜନ କରିଥିଲେ। ଅନୁଗୋଳ ପୋଲିସ ପକ୍ଷରୁ ସମସ୍ତ ମଣ୍ଡପକୁ ଚିଠିକରି ଅସ୍ଥାୟୀ ମଣ୍ଡପରେ ବିସର୍ଜନ କରିବାକୁ ଅନୁରୋଧ କରାଯାଇଥିଲା। କିନ୍ତୁ ପୋଲିସର ଅନୁରୋଧକୁ କେତେକ ମଣ୍ଡପ ପକ୍ଷରୁ ଅଣଦେଖା କରାଯାଇଥିବା ଦେଖିବାକୁ ମିଳିଛି। ବସର୍ଜନ ପର୍ବ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବା ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି। ସରକାରଙ୍କ ନୀତି ନିୟମ ବିଭିନ୍ନ ପୂଜା କମିଟି ପାଳନ କରିଥିବାରୁ ଅନୁଗୋଳ ଥାନା ଅଧିକାରୀ ଦାୟିତ୍ୱରେ ଥିବା ଏସ୍‌ଆଇ ପ୍ରକାଶ ମାଝି ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## 'ସାବରମତୀ ଆଶ୍ରମକୁ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ନିନ୍ଦନୀୟ'

**ଅନୁଗୋଳ ଅଫିସ, ୨୪।୧୦(ଡି.ଏନ.ଏ.)**

ଗୁଜରାଟରେ ଥିବା ମହାତ୍ମା ଗାନ୍ଧୀଙ୍କ ସାବରମତି ଆଶ୍ରମକୁ ପର୍ଯ୍ୟଟନସ୍ଥଳୀରେ ପରିଣତ କରି ଅର୍ଥ ଆଦାୟ ପାଇଁ ଗୁଜରାଟ ଏବଂ କେନ୍ଦ୍ର ସରକାର କରୁଥିବା ଯୋଜନା ନିନ୍ଦନୀୟ ବୋଲି ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସ, ଉତ୍କଳ ନବଜୀବନ ମଣ୍ଡଳ ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ରବିବାର ଅନୁଗୋଳ ଗାନ୍ଧୀ ପାର୍କଠାରେ ଏକ ପ୍ରତିବାଦ ଓ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା। କେନ୍ଦ୍ର ସରକାର ଏଭଳି କାର୍ଯ୍ୟରୁ ଦୂରେଇ ରହିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ଏହି ସଭାରେ ବାଜି ରାଉତ ଛାତ୍ରାବାସ ସଭାନେତ୍ରୀ ତଥା ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି, ଉତ୍କଳ ନବଜୀବନ ମଣ୍ଡଳ ସମ୍ପାଦକ ମୁରଲିଧର ମୂଳିଆ, ରାଷ୍ଟ୍ରୀୟ ଯୁବା ସଙ୍ଗଠନର ସୂର୍ଯ୍ୟନାରାୟଣ ନାଥ, ଅଦ୍ୟାଶ୍ଳୋକ ମିଶ୍ର, ଧନେଶ୍ୱର ସାହୁ, ବିଶ୍ୱରଞ୍ଜନ ପଟ୍ଟନାୟକ, ଆଇନଜୀବୀ ଦିଲୀପ ଦାସ, ଭାବଗ୍ରାହୀ ନାୟକ, କୈଳାସ ସାହୁ, ଅଜୟ ସାହୁ, ରଞ୍ଜିତ ଦେହୁରୀ, ରଶ୍ମୀରଞ୍ଜନ ସାହୁ, ଲିପିକା ମହାପାତ୍ର, ମାମାଲି ଗଡ଼ନାୟକ, ଅନିରୁଦ୍ଧ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## 'ଭାବାବେଗ ସହିତ ଜଡ଼ିତ ଲକ୍ଷ୍ମୀପୂଜା'


ସଂସ୍କୃତି ବିଭାଗ ନିର୍ଦ୍ଦେଶକ ପୂଜା ମଣ୍ଡପ ବୁଲି ଦର୍ଶନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୪।୧୦**

ଢେଙ୍କାନାଳର ଲକ୍ଷ୍ମୀପୂଜା ମହୋତ୍ସବ ଐତିହ୍ୟସମ୍ପନ୍ନ। ୮୦ବର୍ଷ ଧରି ପାଳିତ ହୋଇ ଆସୁଥିବା ଏହି ପୂଜା ଲୋକମାନଙ୍କ ଭାବାବେଗ ସହ ଜଡ଼ିତ। ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ମା'ଙ୍କ ଆବାହନ କରାଯାଉଥିଲେ ମଧ୍ୟ ଜିଲାର ଉତ୍କୃଷ୍ଟ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ମନେ ପକାଇଦେଇଛି ବୋଲି କହିଛନ୍ତି ରାଜ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ। ରବିବାର ସନ୍ଧ୍ୟାରେ ସହରର ବିଭିନ୍ନ ଲକ୍ଷ୍ମୀପୂଜା ପେଣ୍ଡାଲ ପରିଦର୍ଶନ କରିବା ଅବସରରେ ନିର୍ଦ୍ଦେଶକ ଏହା କହିଛନ୍ତି।

ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦାସ ମିନାବଜାର, ଲକ୍ଷ୍ମୀବଜାର, ଜବାହର ଚୌକ, ମହାବୀର ବଜାର, ଗଣେଶ ବଜାର ପୂଜା ମଣ୍ଡପରେ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରିଥିଲେ। ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସହରର ପୂଜା ମଣ୍ଡପ ଏବଂ ଜନସାଧାରଣ ଏଭଳି ଐତିହାସିକ ପରମ୍ପରାକୁ ବଜାୟ ରଖିଛନ୍ତି। କରୋନା କଟକଣା ପାଇଁ ଗହଳି ନାହିଁ। ସମସ୍ତ କାର୍ଯ୍ୟ ନୀତିନିୟମ ଅନୁଯାୟୀ ଚାଲିଛି। ଏଭଳି ଶୃଙ୍ଖଳିତ ପୂଜା ପାଇଁ ସମସ୍ତେ ପ୍ରଶଂସାର ହକ୍‌ଦାର ବୋଲି ନିର୍ଦ୍ଦେଶକ କହିଛନ୍ତି। ରାଜ୍ୟ ସଂସ୍କୃତି ବିଭାଗ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇ, ରାଜ୍ୟ ଲୋକକଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର, ମିଳିତ ବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
Wants aggressive and result oriented
MARKETING EXECUTIVES
- Fluency in Odia and English essential minimum 2 years experience in sales/ marketing.
Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
WEB OFFSET COLOUR UNIT ASSISTANT
- Web Offset Machine Operator with minimum 2 years experience.
Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

## ମଣ୍ଡପରେ ମା'


ଢେଙ୍କାନାଳ ଜୁବିଲି ଟାଉନ।


ଦେଉଳସାହି।


କ୍ରିଷ୍ଣା ବଜାର।

GOVERNMENT OF ODISHA
AGRICULTURE DEPARTMENT
OFFICE OF THE EXECUTIVE ENGINEER (AGRIL.)
DHENKANAL DIVISION, DHENKANAL
No.1182 Date 04.10.2021
INVITATION FOR BIDS (IFB)
e procurement notice
Bid Identification number / Tender Call Notice
No.E.E.(A) D/D-03 of 2021-22

No.L-78:- The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the projects are approximately from 5.00 lakhs to 50.00 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 25.10.21 at 10.00 hours to 01.11.21 at 16.00 hours. The bid will be opened on 05.11.21 at 11.00 hours in the O/o Executive Engineer, (Agril.), Dhenkanal Division, Dhenkanal. All other details regarding terms and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.
Email ID- eeagri.dhenkanal@gmail.com

Sd./- Executive Engineer (Agril)
Dhenkanal Division, Dhenkanal
OIPR-01446/11/0001/2122

## ସଂକ୍ଷେପରେ

### ମହାନଦୀରେ ବୃଦ୍ଧ ନିଖୋଜ

**ଆଠମଲ୍ଲିକ,୨୪।୧୦(ଡି.ଏନ.ଏ.):** ଆଠମଲ୍ଲିକ ଥାନା ଅଏଡା ପଞ୍ଚାୟତ ଓଲଥ ଗ୍ରାମ ମହାନଦୀ ଘାଟରେ ରବିବାର ଅପରାହ୍ନରେ ଗାଧୋଉଥିବା ବେଳେ ଶ୍ରୀଧର ସେଠି(୭୪) ନିଖୋଜ ହୋଇଯାଇଥିବା ଜଣାଯାଇଛି। ପାଣି ସ୍ରୋତରେ ସେ ଭାସି ଯାଇଥିବା କୁହାଯାଉଛି। ଖବରପାଇ ଆଠମଲ୍ଲିକ ଅଗ୍ନିଶମ କର୍ମଚାରୀ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଓଲଥ ଗ୍ରାମବାସୀ ମାଛଧରା ଡଙ୍ଗାରେ ମହାନଦୀ ଭିତରେ ଖୋଜାଖୋଜି କରୁଥିବା ଜଣାଯାଇଛି। ଖବରଲେଖା ହେବା ସୁଦ୍ଧା ବୃଦ୍ଧଙ୍କ ପତ୍ତା ମିଳିପାରି ନାହିଁ।

### କୁଟୁରା ମାଂସ ଜବତ, ଜଣେ ଗିରଫ



**ଆଠମଲ୍ଲିକ,୨୪।୧୦(ଡି.ଏନ.ଏ.):** ଆଠମଲ୍ଲିକ ବନବିଭାଗ କଣ୍ଠାପାବୁଲି ଗ୍ରାମ ନିକଟରେ ଚଢ଼ାଉ କରି ୮ କେଜି କୁଟୁରା ମାଂସ ଜବତ କରିଛି। ଏହି ଘଟଣାରେ ଆଠମଲ୍ଲିକ ଥାନା ତେଲନଇ ଗ୍ରାମର ଗୁରୁବାରିଆ ଦେହୁରୀଙ୍କୁ ଗିରଫ କରାଯାଇଛି। ଗୁରୁବାରିଆ ହାତୀଧରା ସରଂକ୍ଷିତ ଜଙ୍ଗଲର କମ୍ପାର୍ଟମେଣ୍ଟ ନମ୍ବର ୩୧ରୁ କୁଟୁରା ମାଂସ ନେଇ ଆସୁଥିବାବେଳେ ଖବରପାଇ ବନବିଭାଗ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଫରେଷ୍ଟର ଗୌରଚନ୍ଦ୍ର ଦନ୍ତା, ଗାର୍ଡ ରଞ୍ଜିତ ସାହୁ, ବୈଜୟନ୍ତୀ ନାୟକ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ମା'ଙ୍କୁ ଦିଆଗଲା ମେଲାଣି

**ମାଧପୁର,୨୪।୧୦:** ଆଠମଲ୍ଲିକ ବ୍ଲକ ମାଧପୁର ବଜାରଠାରେ ଚାଲିଥିବା ଚୌରାଶି ମହାଲକ୍ଷ୍ମୀ ପୂଜା ରବିବାର ଶେଷ ହୋଇଛି। ସକାଳେ ପୂର୍ଣ୍ଣାହୁତି କାର୍ଯ୍ୟ ଆରମ୍ଭ ହୋଇ ଅପରାହ୍ନରେ ଶେଷ ହୋଇଥିଲା। ସନ୍ଧ୍ୟାରେ ଢୋଲ ନିଶାନ ମାଧମରେ ବଜାର ପରିକ୍ରମା କରାଯାଇ ମା'ଙ୍କୁ ମେଲାଣି ଦିଆଯାଇଥିଲା। ଏହାସହିତ ହରିହାଟର ମଧ ଆୟୋଜନ ହୋଇଥିବା ଜଣାପଡିଛି। ଏହି ସମୟରେ ପ୍ରାୟ ଦୋକାନ ବନ୍ଦ ରହିଥିଲା।

### ବଳାତ୍କାର ଅଭିଯୁକ୍ତ ଗିରଫ

**ବଇଣ୍ଡା,୨୪।୧୦(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କୁ ଠାକୁରଗଡ ଥାନା ବନ୍ଧଗାଁ ଗ୍ରାମର ରବୀନ୍ଦ୍ର ନାୟକ ବଳାତ୍କାର କରିଥିବା ରବିବାର ସମ୍ପୃକ୍ତା ଯୁବତୀଙ୍କ ପରିବାର ପକ୍ଷରୁ ଠାକୁରଗଡ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୨୭୩/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରବୀନ୍ଦ୍ରଙ୍କୁ ଗିରଫ କରିଛି। ପୋଲିସ କହିଛି, ଯୁବତୀ ଜଣଙ୍କୁ ରବୀନ୍ଦ୍ର କିଛି ମାସ ପୂର୍ବେ ଭଲ ପାଉଥିଲେ। ଶୁକ୍ରବାର ଯୁବତୀଙ୍କୁ ଏକ ନିକଟସ୍ଥ ଜଙ୍ଗଲକୁ ବୁଲିବାକୁ ଡାକି ନେଇ ବଳାତ୍କାର କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ମାଡ଼ପିଟ୍ ଅଭିଯୋଗରେ ୨ ଗିରଫ

**କଣିହାଁ,୨୪।୧୦(ଡି.ଏନ.ଏ.):** କଣିହାଁ ଥାନା ପୋଲିସ ମାଡ଼ପିଟ୍ ଅଭିଯୋଗରେ ୨ ଜଣଙ୍କୁ ରବିବାର ଗିରଫ କରିଛି। ଆଇଆଇସି କିଶୋର କୁମାର ସାମଲ କହିଛନ୍ତି, କଂସମୁଣ୍ଡା ଗ୍ରାମରେ ଲକ୍ଷ୍ମୀପୂଜା ଭସାଣି ବେଳେ ଶୁକ୍ରବାର ୨ ଗୋଷ୍ଠୀ ମଧରେ କନ୍ଦଳ ସୃଷ୍ଟି ହୋଇଥିଲା। ଏହାକୁ ନେଇ ପୂଜା କମିଟି ମୁଖ୍ୟ ଅବନୀ ବେହେରା ଓ ସିଦ୍ଧାନ୍ତ ବେହେରାଙ୍କ ମଧରେ ମାଡ଼ପିଟ୍ ହୋଇଥିଲା। ଥାନାରେ ଅଭିଯୋଗ ପରେ ନଂ. ୨୭୫/୨୧ ଓ ୨୭୬/୨୧ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଅବନୀ ଓ ସିଦ୍ଧାନ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି।

### ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

**କଣିହାଁ,୨୪।୧୦(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବନାଞ୍ଚଳ କମରେଇ ଗ୍ରାମ ନିକଟ ଡିହଡଇଳା ଜଙ୍ଗଲରୁ ଶନିବାର ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଥିଲା। ବିଦ୍ୟୁତ୍ ଆଘାତରେ ଦନ୍ତା ପ୍ରାଣ ହରାଇଥିବା ଆଶଙ୍କା କରାଯାଉଥିବାବେଳେ ହାତୀ ମୃତ୍ୟୁ ସ୍ଥାନରୁ ୩ କିଲୋମିଟର ଦୂରରେ ବିଦ୍ୟୁତ୍ ତାର ଥିବାରୁ ପ୍ରକୃତ କାରଣ ଜଣାପଡ଼ି ନାହିଁ। ଏ ନେଇ କଣିହାଁ ବାନାଞ୍ଚଳ ଅଧିକାରୀ କହିଛନ୍ତି, ରବିବାର ବ୍ୟବଚ୍ଛେଦ ପରେ ହାତୀ ମୃତଦେହ ପୋତି ଦିଆଯାଇଛି। ଦାନ୍ତ କାଟି କାର୍ଯ୍ୟାଳୟରେ ରଖାଯାଇଛି। ଡିଏଫଓ ପ୍ରଶ୍ନ କୁମାର ବେହେରା, ସହକାରୀ ବନସଂରକ୍ଷଣ ଅଧିକାରୀ ରଞ୍ଜନ ବେହେରାଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଥିଲା। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ।

### ୩ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ,୨୪।୧୦:** ଅନୁଗୋଳ ଜିଲାରୁ ରବିବାର ୩ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୪୩୨ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧରେ ଅନୁଗୋଳ ପୌରାଞ୍ଚଳରୁ ୨ ଓ ତାଳଚେର ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୩ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ପିଚୁ କରୁନି ପ୍ରଶାସନ

- ରାସ୍ତା ସମସ୍ୟାରେ ସିନ୍ଦୂରଖୋଳ ଗ୍ରାମବାସୀ
- ଅନୁଦାନ ମିଳିଥିଲେ ମଧ ହେଉନି ମରାମତି

**ବଇଣ୍ଡା,୨୪।୧୦(ଡି.ଏନ.ଏ.)**



ସିନ୍ଦୂରଖୋଳ ଗ୍ରାମକୁ ଯାଇଥିବା ମାଟି ରାସ୍ତା।

ଗାଁ ରାସ୍ତାକୁ ପିଚୁ କରିବାକୁ ୫ ବର୍ଷ ହେଲା ହେଉଛି ଦାବି। ପ୍ରଶାସନକୁ ବାରମ୍ବାର ଦିଆଯାଉଛି ଦାବିପତ୍ର। ହେଲେ ପ୍ରତିଶ୍ରୁତି ବ୍ୟତୀତ ଏଯାଏ ନିଆଯାଇନି କିଛି ପଦକ୍ଷେପ। ଏପରି କି କାଦୁଅ, ଖାଲଖମା ରାସ୍ତାର ମରାମତି ପାଇଁ ୨ ମାସ ତଳୁ ଅନୁଦାନ ଆସିଥିଲେ ମଧ ସେ ଦିଗରେ ପ୍ରଶାସନ ଆନ୍ତରିକତା ଦେଖାଉ ନ ଥିବାରୁ ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ ସିନ୍ଦୂରଖୋଳ ଗ୍ରାମବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସାନହୁଲା-ପାଇକସାହି ପୂର୍ତ୍ତ ବିଭାଗ ରାସ୍ତାରୁ ଗାଁକୁ ସଂଯୋଗ କରିଥିବା ୨ କିଲୋମିଟର ମାଟି ରାସ୍ତା ଅତି ଶୋଚନୀୟ ହୋଇପଡିଛି। ଦୈନିକ ୭ ଶହ ଲୋକ ଏହି ସଡ଼କ ଦେଇ ଯାତାୟାତ କରୁଛନ୍ତି। ତେଣୁ ଏହାକୁ ପିଚୁ କରିବାକୁ ୨୦୧୭ ଫେବୃୟାରୀ ୧୦ ଓ ୨୦୧୯ ଜୁନ ୧୨ରେ ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗପତ୍ର ମାଧମରେ ଅବଗତ କରାଯାଇଥିଲା। ହେଲେ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ନାହିଁ। ପ୍ରତିବର୍ଷ ବର୍ଷା ଋତୁରେ ଉକ୍ତ ମାଟି ରାସ୍ତା ଦେଇ ଗମନାଗମନରେ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ଗାଁକୁ ରୋଗୀନେବାକୁ ଆମ୍ବୁଲାନ୍ସ ମଧ ଆସିପାରୁ ନାହିଁ। ଏ ନେଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କୁ ଗ୍ରାମବାସୀ ଅଭିଯୋଗ କରିବା ପରେ ବିଧାୟକ ଓ ଆଠମଲ୍ଲିକ ବ୍ଲକ ପ୍ରଶାସନିକ ଅଧିକାରୀ ଗତ ଅଗଷ୍ଟ ୨୭ ତାରିଖରେ ଗ୍ରାମକୁ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ଗ୍ରାମବାସୀଙ୍କଠାରୁ ସମସ୍ୟା ସମ୍ପର୍କରେ ଜାଣିବା ପରେ ତୁରନ୍ତ ମରାମତି ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ୧୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଗଲା ବୋଲି ବିଡିଓ ଘୋଷଣା କରିଥିଲେ। କିନ୍ତୁ ୨ ମାସ ହୋଇଯାଇଥିଲେ ମଧ ମରାମତି କାର୍ଯ୍ୟ ଆରମ୍ଭ ହୋଇନାହିଁ। ତୁରନ୍ତ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ପିଚୁ କରିବା ପାଇଁ ସିନ୍ଦୂରଖୋଳ ଗ୍ରାମବାସୀ ଦାବି କରିଛନ୍ତି।

### କେବଳ ପ୍ରତିଶ୍ରୁତି ମିଳୁଛି



"ଗାଁକୁ ଭଲ ରାସ୍ତା ନ ଥିବା ଯୋଗୁ ପ୍ରଶାସନ ପାଦ ଏଠାରେ ପଡୁନାହିଁ। ଫଳରେ ବିକାଶମୂଳକ କାର୍ଯ୍ୟ ହୋଇପାରୁନାହିଁ। ନିର୍ବାଚନ ପାଖେଇ ଆସିଲେ ନେତାମାନେ ବିଭିନ୍ନ ପ୍ରତିଶ୍ରୁତି ଦେଉଛନ୍ତି। ଅଭିଯୋଗ କଲେ ପ୍ରଶାସନ ମଧ ପ୍ରତିଶ୍ରୁତି ଦେଉଛି।

-ମୋହନ ପ୍ରଧାନ, ଗ୍ରାମବାସୀ

### ପ୍ରଶାସନର ଇଚ୍ଛା ନାହିଁ



"ଗ୍ରାମର ବିକାଶ ପାଇଁ ପ୍ରଶାସନର ଇଚ୍ଛା ନ ଥିବା ଭଳି ଲାଗୁଛି। କାରଣ ଦୀର୍ଘଦିନ ପରେ ମରାମତି ନିମନ୍ତେ ଅର୍ଥ ମଞ୍ଜୁର କରାଯାଇଥିଲେ ମଧ କାର୍ଯ୍ୟ ହେଉନାହିଁ। ଏଥିପ୍ରତି ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ଦେଲେ ଲୋକେ ଅସୁବିଧା ଭୋଗନ୍ତେ ନାହିଁ।

-ସତ୍ୟାନନ୍ଦ ପ୍ରଧାନ, ଗ୍ରାମବାସୀ

### ଖୁବ୍‌ଶୀଘ୍ର କାମ ହେବ



"ସିନ୍ଦୂରଖୋଳ ରାସ୍ତା ମରାମତି ପାଇଁ ଅର୍ଥ ମଞ୍ଜୁର ହୋଇଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ପିଚୁ ରାସ୍ତା ପାଇଁ ହେଉଥିବା ଦାବି ସମ୍ପର୍କରେ ସରକାରଙ୍କୁ ଅବଗତ କରାଯିବ। ଲୋକଙ୍କ ସମସ୍ୟା ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି।

-ସନ୍ତୋଷ କୁମାର ସାହୁ, ବିଡିଓ, ଆଠମଲ୍ଲିକ

## ଡ. ହରିହର ଦାଶଙ୍କୁ ଶ୍ରଦ୍ଧାଞ୍ଜଳି

**ଅନୁଗୋଳ ଅଫିସ, ୨୪।୧୦(ଡି.ଏନ.ଏ.)**

ଉତ୍କଳ ନବଜୀବନ ମଣ୍ଡଳ ପରିସରରେ ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱର୍ଗତ ଡ. ହରିହର ଦାଶଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଉପସ୍ଥିତ ସାରସ୍ୱତ ସାଧକମାନେ ଡ. ଦାଶଙ୍କ ସ୍ମୃତିଚାରଣ କରିଥିଲେ। ଏହି ସଭାରେ ଚଳିତବର୍ଷ ପାଇଁ ନବକୃଷ୍ଣ ଜନସେବା ସମ୍ମାନ ସାମାଜିକ କର୍ମୀ ଉତ୍ସବ ଜେନାଙ୍କୁ ଦିଆଯିବାକୁ ସ୍ଥିର କରାଯାଇଥିଲା। ସେହିପରି ରାଜ୍ୟସ୍ତରୀୟ ସମ୍ମାନ ଆସନ୍ତା ନଭେମ୍ବର ୨୮ରେ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧରେ ପ୍ରାଧ୍ୟାପକ ଶାନ୍ତନୁ କୁମାର ସର, ଡ. ଦଧିବାମନ ପ୍ରଧାନ, ଧନେଶ୍ୱର ସାହୁ, ଡ. ଇନ୍ଦିରା ଦାଶ, ଅସିତ କୁମାର ପଟ୍ଟନାୟକ, ବିଶ୍ୱରଞ୍ଜନ ପ୍ରଧାନ, ମଞ୍ଜୁ ରଥ, ଯଦୁମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ରାଧାକାନ୍ତ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ଶିବରାମ ମିଶ୍ର ବିବରଣୀ ପାଠ କରିଥିଲେ। ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଡିକାଲକୁ ୫ଟି ଷ୍ଟ୍ରେଚର ପ୍ରଦାନ



ଅତିଥିଙ୍କ ସହ ରୋଟାରୀ କ୍ଲବ ଅନୁଗୋଳ ରୟାଲର କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ, ୨୪।୧୦**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ପୋଲିଓ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜନ୍ମରୁ ୫ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇ ନିରୋଗ ରଖିବାକୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରୋଟାରୀ କ୍ଲବ ଅନୁଗୋଳ ରୟାଲ ତରଫରୁ ମୁଖ୍ୟ ଚିକିତ୍ସାଳୟକୁ ୫ଟି ଷ୍ଟ୍ରେଚର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ରୋଟାରୀ କ୍ଲବ ସଭାପତି ଅଶୋକ ମଣ୍ଡୋଠିଆ, ସମ୍ପାଦକ ଅମ୍ବିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅର୍ଥନୈତିକ ଅବରୋଧ ନିଷ୍ପତ୍ତି

**ବଣ୍ଠରପାଳ,୨୪।୧୦(ଡି.ଏନ.ଏ.)**

ବଣ୍ଠରପାଳ ବ୍ଲକ ଅଞ୍ଚଳରେ ଥିବା ନବରତ୍ନ ମାନ୍ୟତାପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋର ସିପିପି ଓ ସ୍ମେଲଟରରେ ଅର୍ଦ୍ଧକୁଶଳୀ ଠିକା କର୍ମଚାରୀ ଭାବେ କାର୍ଯ୍ୟରତ କ୍ଷତିଗ୍ରସ୍ତ ଆଇଟିଆଇ (ଏଲ୍‌ଏପି)ର ସଭ୍ୟାସଭ୍ୟାମାନଙ୍କୁ ନେଇ ରବିବାର ବଳରାମପ୍ରସାଦ ଶନିମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦିବ୍ୟରଞ୍ଜନ ଦାସ ଆଗାମୀ ଦିନରେ ଅର୍ଥନୈତିକ ଅବରୋଧ କିପରି ହେବ ସେ ନେଇ ଆଲୋଚନା କରିଥିଲେ। ସଂଘ ସମ୍ପାଦକ ଶଶାଙ୍କ ଶେଖର ସାମଲ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସ୍ଥାୟୀ ନିଯୁକ୍ତି ନ ମିଳିବା ପର୍ଯ୍ୟନ୍ତ ଅର୍ଥନୈତିକ ଆବରୋଧ ଚାଲୁ ରହିବ। ଏଥିସହିତ ନାଲ୍‌କୋକୁ କୋଇଲା ପାଣି ବନ୍ଦ କରିବାକୁ ଶପଥ ପାଠ କରାଇଥିଲେ। ଅଜୟ କୁମାର ସାହୁ ସଭା ପରିଚାଳନା କରିଥିଲେ। ବୈଠକରେ ୧୪୫ଜଣ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।



ବୈଠକରେ ଆଇଟିଆଇ (ଏଲ୍‌ଏପି)ର ସଭ୍ୟାସଭ୍ୟମାନେ।

## ପ୍ରଥମ କାର୍ଯ୍ୟକାରିଣୀ ବୈଠକ

**ଅନୁଗୋଳ ଅଫିସ, ୨୪।୧୦(ଡି.ଏନ.ଏ.)**

ଅନୁଗୋଳସ୍ଥିତ ମନ୍ଦରଗିରି ମଠଠାରେ ଉଦ୍ୟମ ଫାଉଣ୍ଡେଶନର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଙ୍ଗଠନର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସଙ୍ଗଠନର ସଭାପତି ଭାବେ ବାପୁଜୀ ପ୍ରଧାନ ଓ ସାଧାରଣ ସମ୍ପାଦକ ଭାବେ ପିନାକୀ ପ୍ରସାଦ ସିଂଙ୍କୁ ନିର୍ବାଚିତ କରାଯାଇଥିଲା। ଆଗାମୀ ଦିନରେ ଚାରା ରୋପଣ, ସଂରକ୍ଷଣ, ପଶୁପକ୍ଷୀ ସେବା, ଶିକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା, ଅସହାୟଙ୍କୁ ବସ୍ତ୍ର ଦାନ, ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଓ ସ୍ୱେଚ୍ଛାକୃତ ରକ୍ତ ଦାନ ଆଦି କାର୍ଯ୍ୟକ୍ରମ ସଙ୍ଗଠନ ପକ୍ଷରୁ କରାଯିବ ବୋଲି ସଭାପତି ସୂଚନା ଦେଇଛନ୍ତି।

## ୨ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



ଶହୀଦ ଦିବସ ପାଳନ ଅବସରରେ ବିଧାୟକଙ୍କ ସହ ଅନ୍ୟମାନେ।

**ଛେଣ୍ଡିପଦା,୨୪।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା କୋଶଳା ଉଚ୍ଚ ବିଦ୍ୟାଳୟ ପରିସରରେ ଛେଣ୍ଡିପଦା ପୋଲିସ ପକ୍ଷରୁ ଶହୀଦ ଦିବସ ପାଳନ କରାଯାଇଛି। ଛେଣ୍ଡିପଦା ଥାନା ଅଧିକାରୀ ଧୀରେନ କୁମାର ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ଶହୀଦ ଅରୁଣ କୁମାର ଗଡନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ବିଧାୟକ କୋଶଳା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଶହୀଦ ଦିବସ ସ୍ମୃତି ସଭାରେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଦୀପ କୁମାର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ଭାଲେଣ୍ଟିନା ଦାସ, ସହକାରୀ ଶିକ୍ଷକ ଗିରିଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜରପଡା ଥାନା ପକ୍ଷରୁ ଜରପଡା ପତିତପାବନ ଉଚ୍ଚବିଦ୍ୟାଳୟ ପରିସରରେ ଶହୀଦ ଦିବସ ପାଳନ କରାଯାଇଛି। ଥାନା ଅଧିକାରୀ ସରୋଜ କାନ୍ତ ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ନାରାୟଣ ସାହୁ ଅତିଥି ଭାବେ ଯୋଗଦେଇ ଶହୀଦ ରବୀନ୍ଦ୍ରନାଥ ସାହୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ବିଜୟ କୁମାର ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସମସ୍ୟା ବୁଝିଲେ ବିଧାୟକ

**ବଇଣ୍ଡା,୨୪।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ବରପଦର ଓ ମୟୂରକାଟିଣି ଗ୍ରାମରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି କୁମୁଦ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଏହି ବୈଠକରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଦୁଇ ଗ୍ରାମରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ସମସ୍ତ ସମସ୍ୟା ଶୀଘ୍ର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ଭାବେ କିଶୋରନଗର ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ତିମିର ନାୟକ, ବଶିଷ୍ଠ ନାୟକ, କାଳନ୍ଦୀ ଚରଣ ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।



ବୈଠକରେ ବିଧାୟକଙ୍କ ସହ ଅନ୍ୟ ଅତିଥିମାନେ।

## ବ୍ୟବସାୟିକ ସମ୍ପର୍କ ବୃଦ୍ଧି ଉପରେ ଆଲୋଚନା



ପାରାଦୀପ ଗସ୍ତରେ ଯାଇଥିବା ନାଲ୍‌କୋ ଅଧିକାରୀମାନେ।

**ବଣ୍ଠରପାଳ,୨୪।୧୦(ଡି.ଏନ.ଏ.)**

ନାଲ୍‌କୋ ଅଫିସର ସଂଘ ଜାତୀୟ କନଫେଡେରେଶନର ପୂର୍ବାଞ୍ଚଳ ଡେପୁଟି ସେକ୍ରେଟାରୀ ଜେନେରାଲ ତଥା ନାଲ୍‌କୋ ଅଫିସର ସଂଘ ସଭାପତି ପ୍ରସନ୍ନ କୁମାର ମଲ୍ଲିକ, ସଂଘ ସମ୍ପାଦକ ନଳିନୀକାନ୍ତ ପଣ୍ଡା ଓ ଉପସଭାପତି ନିର୍ମଳ କୁମାର ପଟ୍ଟନାୟକ ୨ ଦିନିଆ ପାରାଦୀପ ଗସ୍ତ କରିଥିଲେ। ଏହି ଅବସରରେ ଅଧିକାରୀମାନେ ପାରାଦୀପ ବନ୍ଦର ନ୍ୟାସର ନବ ନିଯୁକ୍ତ ଅଧ୍ୟକ୍ଷ ପି.ଏଲ. ହରାନଧ, ଆଇଆରଟିଏସ. ଓ ସି.ଏମ୍.ଇ. ସରୋଜ କୁମାର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ନାଲ୍‌କୋ ସହ ଦୃଢ଼ ବ୍ୟବସାୟିକ ସମ୍ପର୍କ ଓ ସହଯୋଗ ପାଇଁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ନାଲ୍‌କୋ ତୈଳ, କୋଇଲା, କଷ୍ଟିକ ସୋଡା ଆଦି ପଦାର୍ଥ ଆମଦାନୀ କରିବା ପାଇଁ ପାରାଦୀପ ବନ୍ଦର ଉପରେ ନିର୍ଭର କରିଥାଏ। ଇଣ୍ଡିଆନ ଅଏଲ ଅଫିସର ସଂଘ ସେକ୍ରେଟାରୀ ଅମରେନ୍ଦ୍ର ସେନାପତି, କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ପ୍ରଦୀପ ସାହାଣୀ, ପାରାଦୀପ ବନ୍ଦର ନ୍ୟାସର ଅଫିସର ସଂଘ ସଭାପତି ବବ୍ଲୁ ସିକନ୍ଦରଙ୍କ ସହିତ ନାଲ୍‌କୋ ଅଧିକାରୀମାନେ ସାକ୍ଷାତ ଆଲୋଚନାରେ ଭାଗ ନେଇଥିଲେ।

## ଶାନ୍ତି ପ୍ରତିଷ୍ଠାରେ ଜାତିସଂଘର ଭୂମିକା ଅନନ୍ୟ



କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୪।୧୦**

ବିଶ୍ୱରେ ଶାନ୍ତି ସ୍ଥାପନ ଲାଗି ପ୍ରତିଷ୍ଠା କରାଯାଇଥିଲା ମିଳିତ ଜାତିସଂଘ। ଏହାର ଲକ୍ଷ୍ୟ ସୁଦୂରପ୍ରସାରୀ। ମହାମାରୀ କରୋନା, ଶରଣାର୍ଥୀ, ଜଳବାୟୁ ପରିବର୍ତ୍ତନ ଭଳି ବଡ଼ ବଡ଼ ସମସ୍ୟାର ସମାଧାନ ଲାଗି ଜାତିସଂଘର ପ୍ରୟାସ ଅନନ୍ୟ ବୋଲି ଢେଙ୍କାନାଳ ଉତ୍ପୁନା ପକ୍ଷରୁ ସ୍ଥାନୀୟ ରଥଗଡ଼ାସ୍ଥିତ କାର୍ଯ୍ୟାଳୟରେ ରବିବାର ବିଶ୍ୱ ଜାତିସଂଘ ଦିବସରେ ମତପ୍ରକାଶ ପାଇଛି। ଅନୁଷ୍ଠାନର ରାଜ୍ୟ ଅଧକ୍ଷ ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଯୋଗଦେଇ ଜାତିସଂଘର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ସିବିଆଇ ଜଜ୍ ଭିକାରି ଚରଣ ରାଉତ, ପୂର୍ବତନ ମୁଖ୍ୟଯନ୍ତ୍ରୀ ଅକ୍ଷୟ କୁମାର ଶତପଥୀ ନିଜସ୍ୱ ମତ ରଖିଥିଲେ। ପ୍ରଫେସର ଦିଲ୍ଲୀପ ନନ୍ଦ, ସମାଜବାଦୀ ନେତା ସରୋଜ ଶତପଥୀ, ଇଂ. ଅବିନାଶ ଦାସ, ଡା. ବିଷ୍ଣୁ ଦାସ, ଚକ୍ଷୁ ବିଶେଷଜ୍ଞ ଡା. ଶ୍ରୀନିବାସ ହୋତା, ପରିବେଶବିତ୍ ଉପେନ୍ଦ୍ର ରାଉତ, ପ୍ରାକୃତିକ ଚିକିତ୍ସକ ପୀତବାସ ସାହୁ, ପ୍ରଣୟ ବିଶ୍ୱାଳ, ଇ. ଉମ୍ବରୁଧର ପଣ୍ଡା, ପୂର୍ବତନ ସାମରିକ ଅଧିକାରୀ ବିପିନ ବିହାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଡଭୋକେଟ୍ ସୁଶ୍ରୀ ଶୁଚିସ୍ମିତା ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଗର୍ଭବତୀଙ୍କୁ ବଳାତ୍କାର ପରେ ହତ୍ୟା

**ଖୋର୍ଦ୍ଧା ଅଫିସ,୨୪।୧୦**

ପୋଲତଳୁ ଗର୍ଭବତୀଙ୍କ ମୃତଦେହ ଉଦ୍ଧାର ଘଟଣା

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବୀର ରୋଡ୍ ଫାଣ୍ଡି ଅଧୀନ ୧୪୯ ନମ୍ବର ଜାତୀୟ ରାଜପଥର ଭେଜିଆ ଗ୍ରାମ ନିକଟ ରଗଡ଼ଗିଆ ପୋଲ ତଳୁ ଗତ ସେପ୍ଟେମ୍ବର ୧୧ ତାରିଖରେ ଜଣେ ଗର୍ଭବତୀଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ମୃତା ମହିଳାଙ୍କ ଗୋଡ଼ହାତ ବନ୍ଧାଯାଇଥିବାବେଳେ ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ନେଇ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାଶ ସେପ୍ଟେମ୍ବର ୨୬ରେ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ଏନ୍‌ଏଚ୍‌ଆର୍‌ସି ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏ ନେଇ ଅକ୍ଟୋବର ୨୧ତାରିଖରେ ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ ହୋଇଛି।

## ଏଆଇଡିୱାଇଓ ଆଞ୍ଚଳିକ ସମ୍ମିଳନୀ

**ଅନୁଗୋଳ ଅଫିସ, ୨୪।୧୦**

ସମସ୍ତ ବେକାରଙ୍କୁ କର୍ମନିଯୁକ୍ତି ଦେବା ପର୍ଯ୍ୟନ୍ତ ଯୋଗ୍ୟତା ଅନୁଯାୟୀ ବେକାରୀ ଭତ୍ତା ପ୍ରଦାନ କରିବା, ଶିକ୍ଷା, ସ୍ୱାସ୍ଥ୍ୟ ସହ ସମସ୍ତ ବିଭାଗ, ଶିଳ୍ପ ଓ ଖଣିଖାଦାନ ଗୁଡିକରେ ଖାଲି ପଡିଥିବା ପଦବୀ ପୂରଣ, ଠିକା ନିଯୁକ୍ତି ପରିବର୍ତ୍ତେ ସ୍ଥାୟୀ ନିଯୁକ୍ତି ପ୍ରଦାନ, ନିଶାଦ୍ରବ୍ୟର ପ୍ରସାର ବନ୍ଦ ଓ କୃଷି ଆଇନ ବାତିଲ ଆଦି ଦାବିରେ ଏଆଇଡିୱାଇଓ ପକ୍ଷରୁ ଅନୁଗୋଳ ଆଞ୍ଚଳିକସ୍ତରୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ କମିଟି ସଭାପତି ଅମୂଲ୍ୟ ସାହୁଙ୍କ ପରିଚାଳନାରେ ଏହି ସମ୍ମିଳନୀରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ଡିୱାଇଓ ରାଜ୍ୟ ଉପସଭାପତି ମାନସ ପାଳ ଓ ଜିଲା ସଭାପତି ବିଷ୍ଣୁ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ଆଞ୍ଚଳିକସ୍ତରରେ ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ୧୫ଜଣିଆ ନୂତନ ଆଞ୍ଚଳିକ କମିଟି ଗଠନ କରାଯାଇଥିଲା।

## ନାକେଦମ କଲେ ଯୁବକ

**ଅନୁଗୋଳ ଅଫିସ, ୨୪।୧୦**

ଅନୁଗୋଳ ସହର ଉପକଣ୍ଠ କରଡ଼ାଗାଡ଼ିଆ ଗଁରେ ଶନିବାର ରାତିରେ ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରିବାକୁ ଯାଇ ଅନ୍ୟମାନଙ୍କୁ ନାକେଦମ କରିଛନ୍ତି। ପାରିବାରିକ କଳହକୁ କେନ୍ଦ୍ର କରି ୨୨ ବର୍ଷିୟ ଯୁବକ ଜଣକ ନିକଟରେ ଥିବା କୂଅକୁ ଡେଇଁ ପଡ଼ିଥିଲେ। ତାଙ୍କୁ ଉଦ୍ଧାର ପାଇଁ ଯେଉଁମାନେ ଉଦ୍ୟମ କରୁଥିଲେ, ସେମାନଙ୍କୁ ପାଣିରେ ବୁଡ଼ାଇ ଦେବାକୁ ଧମକ ଦେଉଥିଲେ। ପରିବାର ଲୋକ ଅନୁଗୋଳ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ କର୍ମଚାରୀମାନେ ପହଞ୍ଚି ଯୁବକଙ୍କୁ ବୁଝାଶୁଝା କରି ଉଦ୍ଧାର କରିଥିଲେ। ରାତି ପ୍ରାୟ ୨ଟାରେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ଥିବା ମେଡିକାଲ ପକ୍ଷରୁ କୁହାଯାଇଛି।

## ପୋଖରୀରେ ବୁଡ଼ି ଚାଷୀ ମୃତ

**କଣିହାଁ,୨୪।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ମସୁଣୀହତା ଗ୍ରାମର ଚାଷୀ କୁନୁଚନ୍ଦ୍ର ଦେହୁରୀ(୭୦) ରବିବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। କୁନୁଚନ୍ଦ୍ରେ ପୋଖରୀକୁ ଗୋଧୋଇବା ପାଇଁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ପରିବାର ଲୋକ ଖୋଜାଖୋଜି କରିବା ପରେ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

